ବିବରଣୀ ପୁସ୍ତିକା

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

## ଡିହପଢ଼ାଳ, ଭଞ୍ଜନଗର, ଗଞ୍ଜାମ (ଆବାସିକ)





ବିଦ୍ୟାଭାରତୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା
ଦ୍ୱାରା ପ୍ରଯୋଜିତ ଓ ସରକାରୀ ସ୍ୱୀକୃତି ପ୍ରାପ୍ତ

ଯୋଗାଯୋଗ : ୦୬୮୨୧-୨୪୧୬୫୨, ୭୬୫୫୯୩୬୧୨୦, ୯୪୩୮୬୧୧୫୯୪, ୯୧୨୪୭୩୮୦୩୯
Website : ssvmbhanjanagar.in
E-mail : ssvmbhanjanagar@yahoo.com







ଜୟ ବିଦ୍ୟା ଜୟ ସଂସ୍କୃତି ଜୟ ଭାରତମାତା

## ଆମର ଲକ୍ଷ୍ୟ

ଏଭଳି ରାଷ୍ଟ୍ରୀୟ ଶିକ୍ଷା ପ୍ରଣାଳୀର ବିକାଶ କରିବାକୁ ହେବ ଯାହା ଦ୍ୱାରା ଏପରି ଯୁବ
ସମାଜ ନିର୍ମିତ ହୋଇପାରିବ ଯିଏ ହିନ୍ଦୁତ୍ୱନିଷ୍ଠ ଏବଂ ରାଷ୍ଟ୍ରଭକ୍ତିରେ
ଓତପ୍ରୋତ ହୋଇଥିବ ଶାରୀରିକ, ପ୍ରାଣିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ
ପୂର୍ଣ୍ଣ ବିକଶିତ ହୋଇଥିବ ତଥା ଜୀବନର ବର୍ତ୍ତମାନ ଆହ୍ୱାନଗୁଡିକୁ
ସଫଳତାପୂର୍ବକ ମୁକାବିଲା କରିପାରିବ ଓ ଯାହାର ଜୀବନ
ଗ୍ରାମ, ବନ, ଗିରିକନ୍ଦର ଓ କୁଡିଆରେ ବାସ କରୁଥିବା
ଦୀନ, ଦୁଃଖୀ, ଅଭାବଗ୍ରସ୍ତ ଆପଣାର
ବନ୍ଧୁମାନଙ୍କୁ ସାମାଜିକ କୁସଂସ୍କାର,
ଶୋଷଣ ଏବଂ ଅନ୍ୟାୟରୁ ମୁକ୍ତ
କରାଇବା ସହ ରାଷ୍ଟ୍ର ଜୀବନକୁ
ସମରସ, ସୁସମ୍ପନ୍ନ ଏବଂ
ସୁସଂସ୍କୃତ କରିବା ପାଇଁ
ସମର୍ପିତ
ହୋଇଥିବ ।

ବିଦ୍ୟା ଭାରତୀ
ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ

# ଅନୁଶାସନାତ୍ମକ ନିୟମ

## ନୀତିନିୟମ

ବିଦ୍ୟାମନ୍ଦିର ନୀତିନିୟମ, ଶୃଙ୍ଖଳା ଓ ଦୈନିକ କାର୍ଯ୍ୟକ୍ରମ ପ୍ରତି ବିଦ୍ୟାର୍ଥୀ, ଅଭିଭାବକ ସଚେତନ ରହିବେ । ଉଭୟ ବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ନୀତି ଓ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ଅଟନ୍ତି ।

## ଶୃଙ୍ଖଳା

ବିଦ୍ୟାର୍ଥୀ ବିଦ୍ୟାମନ୍ଦିରରେ କ୍ରମାଗତ ଭାବେ ଅବାଞ୍ଛିତ ବ୍ୟବହାର ଓ ଶୃଙ୍ଖଳା ଉଲଙ୍ଘନ କଲେ ପ୍ରଥମେ ସତର୍କ ସୂଚନା ଦିଆଯିବ ଏବଂ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅଭିଭାବକଙ୍କୁ ସୂଚାଇ ଦିଆଯିବ । ତଥାପି ସଂଶୋଧନ ନ ହେଲେ ବାଧ୍ୟତାମୂଳକ ବହିଷ୍କାର କରାଯିବାର ବ୍ୟବସ୍ଥା ରହିଛି ।

ଏହି ବିଦ୍ୟା ମନ୍ଦିରରେ ନାମଲେଖାଇବା ପରେ ଜଣେ ବିଦ୍ୟାର୍ଥୀ ଯଦି ଟି.ସି. (Transfer Certificate) ନେବାକୁ ଚାହାଁନ୍ତି ଏଥିପାଇଁ ୭ ଦିନ ପୂର୍ବରୁ ଆବେଦନ କରିବାକୁ ହେବ ।

ଯଦି କୌଣସି ଛାତ୍ର ଲୁକ୍‌କାୟିତ ଭାବରେ ପଳାୟନ କରେ ତେବେ ଅନୁଷ୍ଠାନ ଏଥିପାଇଁ ଦାୟୀ ରହିବ ନାହିଁ ।

## ପତ୍ରାଳାପ

କୌଣସି ସାମୟିକ ସମସ୍ୟା ତଥା ଦୁଃଖଦ ଘଟଣା କେବଳ ପ୍ରଧାନଆଚାର୍ଯ୍ୟଙ୍କ ଜରିଆରେ ବିଦ୍ୟାର୍ଥୀଙ୍କୁ ଜଣାଇ ପାରିବେ । ସାଧାରଣ ପତ୍ରାଳାପ ବେଳେ ଛାତ୍ରଙ୍କୁ ପ୍ରେରଣା ଦେବାଭଳି ଭାଷାରେ ଲେଖିବା ଆବଶ୍ୟକ ।

## ଅଭିଭାବକ ସାକ୍ଷାତ / ସମ୍ପର୍କ

ପ୍ରତିମାସରେ କେବଳ ଶେଷ ରବିବାର ବାପା ମା କିମ୍ବା ସ୍ଥାନୀୟ ଅଭିଭାବକ (Local Guardion) ବିଦ୍ୟାର୍ଥୀଙ୍କ ସହ ସାକ୍ଷାତ କରିପାରିବେ । ନୂତନ ଭାବରେ ବିଦ୍ୟାଳୟରେ ପ୍ରବେଶ କରିଥିବା ଛାତ୍ରମାନଙ୍କ ଅଭିଭାବକମାନଙ୍କୁ ପ୍ରଥମ ଦୁଇମାସ ସାକ୍ଷାତ ପାଇଁ ଅନୁମତି ମିଳିବ ନାହିଁ ।

## ଅଭିଭାବକ ବୈଠକ

ବର୍ଷ ମଧ୍ୟରେ ଥରେ କିମ୍ବା ୨ ଥର ଅଭିଭାବକ ବୈଠକ ସୂଚନା ଦେଇ ଆୟୋଜନ ହୁଏ । ଏଥିରେ ଛାତ୍ରର ପ୍ରଗତି ସମ୍ବନ୍ଧୀୟ ଚର୍ଚ୍ଚା ଆଲୋଚନା ହୁଏ । ଏଥିରେ ଅଭିଭାବକ ନିଶ୍ଚିତ ରୂପେ ଯୋଗଦେବା ଆବଶ୍ୟକ ।

## ପରୀକ୍ଷା

ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ବ୍ୟବତୀତ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୪ଟି ଏକକ ପରୀକ୍ଷା କରାଯାଇ ଏହାର ଫଳାଫଳ ଯଥା ସମୟରେ ଅଭିଭାବକଙ୍କୁ ଜଣାଇ ଦିଆଯାଇଥାଏ । ପ୍ରତ୍ୟେକ ଛାତ୍ରର ପ୍ରଗତିକୁ ପରିଲକ୍ଷିତ କରିବା ସକାଶେ ପ୍ରଗତିପତ୍ରରେ ଛାତ୍ରର ପରୀକ୍ଷା ଫଳ ବିବରଣୀ ଲେଖାଯାଇଥାଏ ।

## ମୂଲ୍ୟବାନ ଜିନିଷ

ନାମ ଲେଖାଇବା ପରେ କୌଣସି ମୂଲ୍ୟବାନ ଜିନିଷ ତଥା ସୁନାମୁଦି, ଚେନ୍, ରେଡ଼ିଓ, ଘଣ୍ଟା, ମୋବାଇଲ୍, କ୍ୟାମେରା ଇତ୍ୟାଦି ସାମଗ୍ରୀ ତଥା ସର୍ବସମ ଆବଶ୍ୟକ ନିମନ୍ତେ ଟଙ୍କା ପଇସା ବିଦ୍ୟାର୍ଥୀମାନଙ୍କ ପାଖରେ ରଖିବାକୁ ଅନୁମତି ଦିଆଯାଏ ନାହିଁ ।

## ଦିନଚର୍ଯ୍ୟା :

| | |
|---|---|
| ୧. ଜାଗରଣ ଓ ପ୍ରାତଃ ବିଧି | ପ୍ରାତଃ ୫.୦୦ - ୫.୩୦ |
| ୨. ପ୍ରାତଃ ସ୍ମରଣ | ପ୍ରାତଃ ୫.୪୦ - ୬.୦୦ |
| ୩. ବ୍ୟାୟାମ ଓ ଯୋଗାସନ | ପ୍ରାତଃ ୬.୦୫ - ୬.୨୦ |
| ୪. ବିସ୍କୁଟ ଓ ଦୁଗ୍ଧପାନ | ପ୍ରାତଃ ୬.୨୫ |
| ୫. ସ୍ୱାଧ୍ୟାୟ | ପ୍ରାତଃ ୬.୩୦ - ୮.୩୦ |
| ୬. ସ୍ନାନ | ପ୍ରାତଃ ୮.୩୫ - ୯.୦୦ |
| ୭. ଜଳପାନ | ପ୍ରାତଃ ୯.୦୫ - ୯.୩୦ |
| ୮. ପ୍ରାର୍ଥନା | ୫.୪୦ - ୬.୦୦ |
| ୯. ଶ୍ରେଣୀ ଶିକ୍ଷା (ପ୍ରଥମ ପର୍ଯ୍ୟାୟ) | ୧୦.୪୦ - ୧.୩୫ |
| ୧୦. ମଧ୍ୟାହ୍ନ ଭୋଜନ | ୧.୩୫ - ୨.୦୫ |
| ୧୧. ଶ୍ରେଣୀ ଶିକ୍ଷା (ଦ୍ୱିତୀୟ ପର୍ଯ୍ୟାୟ) | ୨.୦୫ - ୩.୫୫ |
| ୧୨. ରାଷ୍ଟ୍ରବନ୍ଦନା | ୩.୫୫ - ୪.୦୫ |
| ୧୩. ସଂଘସ୍ଥାନ | ୪.୩୦ - ୫.୩୦ |
| ୧୪. ସ୍ୱଳ୍ପାହାର ଓ ସାୟଂବିଧି | ୫.୪୫ - ୬.୧୫ |
| ୧୫. ସନ୍ଧ୍ୟା ପ୍ରାର୍ଥନା | ୬.୩୦ - ୬.୫୫ |
| ୧୬. ଧ୍ୟାନ | ୬.୫୫ - ୭.୦୦ |
| ୧୭. ବିଶେଷ ଶିକ୍ଷାଦାନ | ୭.୧୦ - ୯.୧୦ |
| ୧୮. ରାତ୍ରି ଭୋଜନ | ୯.୧୫ - ୯.୪୫ |
| ୧୯. ରାତ୍ରି ସ୍ୱାଧ୍ୟାୟ | ୯.୫୦ - ୧୦.୩୦ |
| ୨୦. ସୁଖ ଶୟନ ମନ୍ତ୍ର ଓ ଦୀପ ବିସର୍ଜନ | ୧୦.୩୦ |

(ଶୀତ ଦିନ ଓ ଖରାଦିନ ସମୟ ସାରଣୀ ଆବଶ୍ୟକ ଅନୁସାରେ ପରିବର୍ତ୍ତନ ହେବ)


**ସରସ୍ୱତୀ ବିଦ୍ୟାମନ୍ଦିରର ଦୂରଭାଷ ନଂ-**

କାର୍ଯ୍ୟାଳୟ :- ୦୬୮୨୧-୨୪୧୬୫୨

ଛାତ୍ରାବାସ :- ୯୧୨୪୭୩୮୦୩୯

ପ୍ରଧାନ ଆଚାର୍ଯ୍ୟ : ୭୬୫୫୯୩୬୧୨୦, ୯୪୩୮୬୧୧୫୯୪

E-mail : ssvmbhanjanagar@yahoo.com
Website : www.ssvmbhanjanagar.in


ସପ୍ତାହକୁ ଥରେ ନିର୍ଦ୍ଧାରିତ ଦିନମାନଙ୍କରେ ଏକ ନିର୍ଦ୍ଦିଷ୍ଟ ସମୟରେ ଫୋନ୍ କରିବାର ବ୍ୟବସ୍ଥା ଅଛି ।

## दिनचर्या :

| | |
|---|---|
| १. जागरण और प्रातः विधि | प्रातः ५.०० - ५.३० |
| २. प्रातः स्मरण | प्रातः ५.४० - ६.०० |
| ३. व्यायाम एवं योगभ्यास | प्रातः ६.०५ - ६.२० |
| ४. बिस्कुट एवं दुग्धपान | प्रातः ६.२५ |
| ५. स्वाध्यास | प्रातः ६.३० - ८.३० |
| ६. स्नान | प्रातः ८.३५ - ९.०० |
| ७. जलपान | प्रातः ९.०५ - ९.३० |
| ८. प्रार्थना | ५.४० - ६.०० |
| ९. कक्षा शिक्षादान (प्रथम पर्याय) | १०.४० - १.३५ |
| १०. मध्याह्न भोजन | १.३५ - २.०५ |
| ११. कक्षा शिक्षादान (द्वितीय पर्याय) | २.०५ - ३.५५ |
| १२. राष्ट्रवन्दना | ३.५५ - ४.०५ |
| १३. संघस्थान | ४.३० - ५.३० |
| १४. स्वल्पाहार एवं सायंविधी | ५.४५ - ६.१५ |
| १५. संध्या बन्दना | ६.३० - ६.५५ |
| १६. ध्यान | ६.५५ - ७.०० |
| १७. अतिरिक्त शिक्षादान | ६.५५ - ७.०० |
| १८. रात्री भोजन | ७.१० - ९.१० |
| १९. रात्री स्वाध्याय | ९.१५ - ९.४५ |
| १८. सुखशयन एवं दीप विसर्जन | १०.३० |

शरदि और गरमी के मौसम सारणी मे बदलाव हो सकता है


**बिद्यामंदिर के दूरभाषा नं :**

कार्यालय : 06821-241652

छात्रावास : 9124738039

प्रधान आचार्य : 7655936120, 9438611594

E-mail : ssvmbhanjanagar@yahoo.com
Website : www.ssvmbhanjanagar.in

# ଗୁଣାତ୍ମକ ଶୈକ୍ଷିକ ବ୍ୟବସ୍ଥା

ସ୍କାଉଟ୍ ଶିକ୍ଷା



ଘୋଷ ଶିକ୍ଷା



କମ୍ପ୍ୟୁଟର ବିଜ୍ଞାନ ପ୍ରୟୋଗଶାଳା



ଯୋଗ ଶିକ୍ଷା



# ଗଣବେଶ (Uniform)

# गणवेश (Uniform)



ସ୍କୁଲ ଗଣବେଶରେ ବିଦ୍ୟାର୍ଥୀ



ଡ୍ରିଲ୍ ବେଶରେ ବିଦ୍ୟାର୍ଥୀ



ସ୍କାଉଟ୍ ବେଶରେ ବିଦ୍ୟାର୍ଥୀ



ଘୋଷ ବେଶରେ ବିଦ୍ୟାର୍ଥୀ

ବିଦ୍ୟାଳୟର ନିର୍ଦ୍ଧାରିତ ଗଣବେଶ (UNIFORM) ସହିତ ଛାତ୍ରାବାସ ପାଇଁ ଆବଶ୍ୟକ ଲୁଗାପଟା ଏବଂ ଅନ୍ୟାନ୍ୟ ଜିନିଷର ତାଲିକା ନିମ୍ନରେ ପ୍ରଦାନ କରାଯାଇଛି -

| | |
|---|---|
| ୧. ନୀଳ ଫୁଲ୍ ପ୍ୟାଣ୍ଟ | ୩ଟି (୬ଷ୍ଠ, ୭ମ, ୮ମ) |
| ୨. ଧଳା ଫୁଲ୍ ପ୍ୟାଣ୍ଟ | ୧ଟି (୬ଷ୍ଠ, ୭ମ, ୮ମ) |
| ୩. ଧଳା ହାଫ୍ ସାର୍ଟ | ୩ଟି |
| ୪. ଧଳା ଫୁଲ୍ ସାର୍ଟ | ୧ଟି |
| ୫. ଧଳା ହାତକଟା ଗଞ୍ଜି | ୨ଟି |
| ୬. ନୀଳ ରଙ୍ଗର ଗଞ୍ଜି | ୨ଟି |
| ୭. ଚଡ଼ି | ୨ଟି |
| ୮. କଳା ବୁଟ୍ | ୧ ହଳ |
| ୯. ଧଳା ବୁଟ୍ | ୧ ହଳ |
| ୧୦. ଧଳା ମୋଜା | ୨ ହଳ |
| ୧୧. ନୀଳ/ଧଳା କାନଭାସ୍ ଜୋତା | ୧ହଳ |
| ୧୨. କଫି ରଙ୍ଗ ଫୁଲ୍ ପ୍ୟାଣ୍ଟ | ୧ଟି |
| ୧୩. ମାଟିଆ ହାଫ୍ ପ୍ୟାଣ୍ଟ | ୧ଟି (ବସ୍ତୁ ଭଣ୍ଡାରରୁ ମିଳିବ) |
| ୧୪. ମାଟିଆ ମୋଜା | ୧ ହଳ |
| ୧୫. ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ନାଲିରଙ୍ଗର ସ୍ୱେଟର ଏବଂ ୮ମ ଶ୍ରେଣୀ ପାଇଁ କଫିରଙ୍ଗର ସ୍ୱେଟର | |

विद्यालय के निद्धारित गणवेश के साथ छात्रावास के लिए आवश्यक वस्त्रों एवं अन्य वस्तुओं की सूची त्रस प्रकार है:-

| | |
|---|---|
| 1. नीला फुल पेंट | 3 (Class VIII, IX, X) |
| 2. सफेद फुल पेंट | 1 (Class VIII, IX, X) |
| 3. सफेद हाफ सार्ट | 3 |
| 4. सफेद फुल सार्ट | 1 |
| 5. सफेद बनियान | 2 |
| 6. नीला बनियान | 1 |
| 7. अन्त: वस्त्र | 2 |
| 8. काला जुता | 1 |
| 9. सफेद जुता | 1 |
| 10. सफेद मोजा | 2 |
| 11. सफेद कैनवस जुता | 1 |
| 12. कफि कलर फुल पेंट | 1 |
| 13. शाखा हाफ पेंट | 1 (वस्तु भण्डार से मिलेगा) |
| 14. शाखा के लिए मोजा | 1 |
| 15. कक्षा ६ठी एवं ७वीं के लेए लालरगं के स्वेटर होंगे, कक्षा ८वीं, ९वीं एवं १०वीं के लिए काफीरंग के स्वेटर । | |

# ବିଗତ ୧୬ ବର୍ଷରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳ

# बिगत १६ सालों के हाइस्कूल सार्टिफिकेट परीक्षा फल

| ବର୍ଷ | ପ୍ରଥମ ଶ୍ରେଣୀ | ଦ୍ୱିତୀୟ ଶ୍ରେଣୀ | ତୃତୀୟ ଶ୍ରେଣୀ | ଫେଲ୍ | ସର୍ବୋଚ୍ଚ ନମ୍ବର | % | |
|---|---|---|---|---|---|---|---|
| ୨୦୦୩ | ୧୬ | ୦୫ | ୦୪ | ୦୧ | ୨୬ | -- | |
| ୨୦୦୪ | ୧୯ | ୦୬ | ୦୪ | -- | ୨୯ | -- | |
| ୨୦୦୫ | ୧୯ | ୧୦ | ୦୮ | -- | ୩୭ | ୯୨% | |
| ୨୦୦୬ | ୩୬ | -- | ୦୨ | -- | ୩୮ | ୯୧% | |
| ୨୦୦୭ | ୨୩ | ୧୪ | ୦୨ | -- | ୩୯ | ୯୪.୦୪% | |
| ୨୦୦୮ | ୪୧ | ୦୪ | ୦୩ | -- | ୪୮ | ୯୦% | |
| ୨୦୦୯ | ୪୦ | ୦୭ | ୦୩ | -- | ୫୦ | ୯୨% | |
| ୨୦୧୦ | ୪୦ | ୦୭ | ୦୩ | -- | ୫୦ | ୯୧% | |
| ୨୦୧୧ | ୪୦ | ୧୩ | ୦୩ | -- | ୫୬ | ୯୩.୩୩% | |
| ୨୦୧୨ | ୪୨ | ୧୦ | ୦୭ | -- | ୫୯ | ୯୩.୦୫% | |
| ୨୦୧୩ | ୬୩ | ୦୯ | ୦୩ | -- | ୭୫ | ୯୨.୦୫% | |
| ୨୦୧୪ | $A_1$-08 | $A_2$-34 | $B_1$-31 | $B_2$-07 | C-2 | D-0 E-0 F-0 | 94% |
| ୨୦୧୫ | $A_1$-10 | $A_2$-33 | $B_1$-33 | $B_2$-07 | C-2 | D-01 E-0 F-0 | 96.33% |
| ୨୦୧୬ | $A_1$-04 | $A_2$-22 | $B_1$-39 | $B_2$-26 | C-3 | D-1 E-0 F-0 | 93.66% |
| ୨୦୧୭ | $A_1$-12 | $A_2$-55 | $B_1$-61 | $B_2$-14 | C-3 | D-1 E-0 F-0 | 93.3% |
| ୨୦୧୮ | $A_1$-05 | $A_2$-38 | $B_1$-30 | $B_2$-26 | C-21 | D-22 E-2 F-0 | 93.5% |

## ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ଓ ଲୁଗାପଟା

୧. ଦସ୍ତ ବାକ୍ସ ୧ଟି
୨. ଆଟାଚି ୧ଟି
୩. ଟ୍ରେ ଓ ଗ୍ଲାସ୍ ୧ଟି କରି
୪. ବାଲ୍‌ଟି ଓ ମଗ ୧ଟି କରି
୫. ମଶାରି ୧ଟି
୬. ନାଲି ଗାମୁଛା ୪ ହାତି ୨ଟି ଓ ଅନ୍ୟ ଗାମୁଛା ୧ଟି
୭. ଶୀତ ବସ୍ତ୍ର (ଉଲେନ୍ ଶାଲ୍, ସ୍ୱେଟର, ମଙ୍କିକ୍ୟାପ୍ କମ୍ବଳ - ୧ଟି କରି)

## अन्य जरूरतों के सामान एवं कपडे

1. टिन का बक्सा 1
2. अटैची 1
3. ट्रे और लिास 1 सेट
4. बाल्टी और मग 1 सेट
5. मच्छरदानि 1
6. लाल गमछा 1 वंदना केलिए एवं अन्य ।
7. शीतकालीन वस्त्र 1 सेट (शाल, स्वेटा, मंकी कैप, कम्बल)

ବି.ଦ୍ର : ବସ୍ତୁଭଣ୍ଡାର ନିମନ୍ତେ ସ୍ୱତନ୍ତ୍ର ଭାବରେ ୨୦୦୦ ଟଙ୍କା ଜମା ଦେବାକୁ ପଡ଼ିବ ।

वस्तुभण्डार के लिए स्वतन्त्र रूप से नगद 2000 रू कार्यालय में जमादेना होगा ।

# ବିବିଧ ସୂଚନା

୧. ଗଞ୍ଜାମ ଶିକ୍ଷା ଜିଲ୍ଲାକୁ ଛାଡ଼ି ଅନ୍ୟ ଶିକ୍ଷା ଜିଲ୍ଲାରୁ ଆସୁଥିବା ଛାତ୍ରମାନଙ୍କର ଟି.ସି. (ପରିତ୍ୟାଗ ପ୍ରମାଣ ପତ୍ର) Counter Signature କରିବାକୁ ପଡ଼ିବ ।

୨. ବିଦ୍ୟାଳୟରେ ନାମ ଲେଖା ପରେ ଯଦି କୌଣସି ଛାତ୍ର ଟି.ସି. (ପରିତ୍ୟାଗ ପ୍ରମାଣପତ୍ର) ନିଅନ୍ତି ତେବେ ସେମାନେ ଦେଇଥିବା ଭୋଜନ ଶୁଳ୍କ କେବଳ ହିସାବ ଅନୁସାରେ ଫେରସ୍ତ କରାଯିବ ।

୩. ବିଦ୍ୟାଳୟର ଦେୟ ଓ ଛାତ୍ରାବାସର ଦେୟ ଡ଼ି.ଡ଼ି./online payment କରାଯିବ ।

୪. ସମସ୍ତ ଦେୟ ସରସ୍ଵତୀ ଶିଶୁ ବିଦ୍ୟା ମନ୍ଦିର ନାମରେ କରିବାକୁ ହେବ ।

୫. ସମସ୍ତ ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ତରଫରୁ ଖଟ ଓ ଗଦି ଯୋଗାଇ ଦେବାର ବ୍ୟବସ୍ଥା ଅଛି ।

୬. ନୂତନ ରୂପେ ବିଦ୍ୟାଳୟରେ ନାମ ଲେଖାଇବାକୁ ହେଲେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ପଡ଼େ ।

୭. ଆବେଦନ କରିଥିବା ଛାତ୍ରମାନଙ୍କର ଏକ ମୌଖିକ ସାକ୍ଷାତ୍କାର/ standard test ଅନୁଷ୍ଠିତ ହେବ ଓ ମୌଖିକ ସାକ୍ଷାତ୍କାର ପରେ ଆବଶ୍ୟକ ସଂଖ୍ୟକ ଛାତ୍ରଙ୍କୁ ନାମ ଲେଖାଇବା ପାଇଁ ସୁଯୋଗ ଦିଆଯାଇଥାଏ ।

୮. ମୌଖିକ ସାକ୍ଷାତ୍କାର / standard test ନିମନ୍ତେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ଠାରୁ ବିଦ୍ୟାଳୟର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ହେବ ।

୯. ମୌଖିକ ସାକ୍ଷାତ୍କାର ଦିନାଙ୍କ ସତନ୍ତ୍ର ଭାବେ ଆବେଦନକାରୀଙ୍କୁ ପତ୍ର / ଦୂରଭାଷ ମାଧ୍ୟମରେ ଜଣାଇ ଦିଆଯିବ ।

**ବିଦ୍ୟାମନ୍ଦିର ଖୋଲିବା / ନାମ ଲେଖା ସମୟ :-**

ଓଡ଼ିଶା ସରକାରଙ୍କ ନିୟମାନୁଯାୟୀ ଏପ୍ରିଲ୍ ପହିଲା ଠାରୁ ବିଦ୍ୟାଳୟରେ ନାମ ଲେଖା ଆରମ୍ଭ ହୋଇଥାଏ । ଉଚ୍ଚତର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବ ଛାତ୍ରଙ୍କୁ ସ୍କୁଲ ଖୋଲିବା ଦିନ ପହଞ୍ଚିବାକୁ ପଡ଼ିବ । ଏହା ପରଠାରୁ ଅନୁପସ୍ଥିତ ରହିଲେ ଦୈନିକ ୨୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ହେବ । ଗୁରୁତର ଅସୁସ୍ଥତା କାରଣ ବ୍ୟତୀତ କ୍ରମାଗତ ଅନୁପସ୍ଥିତ ରହିବାକୁ ବିଦ୍ୟାର୍ଥୀଙ୍କ ନାମ କାଟି ଦିଆଯିବ ।

**ନାମଲେଖା ବେଳେ ଆବଶ୍ୟକ ତଥ୍ୟ :-**

୧. ପୂର୍ବତନ ବିଦ୍ୟାଳୟର ପରିତ୍ୟାଗ ପ୍ରମାଣପତ୍ର

୨. ଗତ ପରୀକ୍ଷାର ପ୍ରମାଣ ପତ୍ର (mark sheet)

୩. ନିର୍ଦ୍ଧାରିତ ଶୁଳ୍କ (fees)

୪. ବର୍ତ୍ତମାନର ଆବକ୍ଷ ଫଟୋ (passphoto colour), ପିତା-୨ଟି କପି, ମାତା - ୨ଟି କପି , ନିକଟସ୍ଥ ଅଭିଭାବକ-୨ କପି, ଛାତ୍ର-୪ କପି

୫. ସୁସ୍ଥତା ପ୍ରମାଣପତ୍ର (ଡ଼ାକ୍ତରଙ୍କ ଠାରୁ)

୬. ଆଧାର କାର୍ଡ଼ (xerox)

୭. ଜାତିଗତ ପ୍ରମାଣ ପତ୍ର (xerox)

୮. Bank A/c xerox (ଶିଶୁଙ୍କ)

**ବସ୍ତୁଭଣ୍ଡାର :-**

ସାମୟିକ ଭାବେ ଆବଶ୍ୟକ ପଡୁଥିବା ଶିକ୍ଷା ଉପକରଣ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବସ୍ତୁ ଭଣ୍ଡାର ମାଧ୍ୟମରେ ଯୋଗାଇ ଦିଆଯାଇଥାଏ । ଏଥିପାଇଁ ପ୍ରତି ଛାତ୍ର ୨୦୦୦ ଟଙ୍କା ଅଗ୍ରୀମ ଜମା ଦେବାକୁ ପଡ଼େ । ବିଦ୍ୟାଳୟରୁ ଅବ୍ୟାହିତ ବେଳେ ଅବଶିଷ୍ଟ ଟଙ୍କା ଫେରସ୍ତ କରାଯିବା ବ୍ୟବସ୍ଥା ରହିଛି ।

**ସାସ୍ଥ୍ୟ ବ୍ୟବସ୍ଥା :-**

ପ୍ରତ୍ୟେକ ଛାତ୍ରର ନିୟମିତ ସାସ୍ଥ୍ୟ ପରୀକ୍ଷା ନିମିତ୍ତ ଏଠାରେ ଉପଯୁକ୍ତ ବ୍ୟବସ୍ଥା କରାଯାଇଥାଏ । ଛାତ୍ରାବାସରେ କେବଳ ଶିଶୁଙ୍କୁ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ଅଛି । ଅତିରିକ୍ତ ସାସ୍ଥ୍ୟଗତ ଖର୍ଚ୍ଚ ଅଭିଭାବକ ବହନ କରିବେ । ସାସ୍ଥ୍ୟ ସମ୍ବନ୍ଧୀୟ ବିଶେଷ ସୂଚନା ଥିଲେ ପ୍ରବେଶିକା ସମୟରେ ଲିଖିତ ଜଣାଇବା ଆବଶ୍ୟକ ।

**ଅବକାଶ ଛୁଟି :-**

ବିଦ୍ୟା ମନ୍ଦିରରେ ବର୍ଷକୁ ଗ୍ରୀଷ୍ମାବିକାଶ, ପୂଜାଛୁଟି ଓ ଧାନ କଟା ଛୁଟି ପରି ତିନୋଟି ଛୁଟିର ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ଅନ୍ୟ କୌଣସି ସମୟରେ ବିଦ୍ୟାଳୟ ଘରକୁ ଯିବାକୁ ଅନୁମତି ମିଳିବ ନାହିଁ । ଅବକାଶରେ ବାପାଙ୍କ ମାଆ ଆସି ପିଲାଙ୍କୁ ସାଙ୍ଗରେ ନେଇ ପାରିବେ । ବିଶେଷ ସ୍ଥଳେ ଯଦି କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯାତ୍ରା ପାଇଁ ବାପା ମାଆ ଇଚ୍ଛା ପ୍ରକାଶ କରନ୍ତି ତେବେ ବାପା କିମ୍ବା ମାଆଙ୍କର ସହସ୍ତ ଲିଖିତପତ୍ର (Authorisation Letter) ସଙ୍ଗରେ ପଠାଇବେ ଅନ୍ୟଥା ଛାତ୍ରକୁ ଅପରିଚିତ ବ୍ୟକ୍ତିଙ୍କ ସହ ପଠାଯିବା ବ୍ୟବସ୍ଥା ନାହିଁ ।